## ଦୁର୍ଘଟଣାରେ ଶ୍ରମିକ ମୃତ

**ପାରାଦୀପ,(ଶରତ ରାଉତ):** ପାରାଦୀପ ଥାନା ଅନ୍ତର୍ଗତ କୁମ୍ଭାର ପାର୍କ ରାସ୍ତାରେ ଗୁରୁବାର ଭୋରୁ ଦୁର୍ଘଟଣା ଘଟିଥିଲା। ଏଥିରେ ଜଣେ ଶ୍ରମିକଙ୍କ (ଲୋଡର ଅପରେଟର)ଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜ୍ଞାନରଞ୍ଜନ ମିଶ୍ର (୩୫)। ସେ ଡ୍ୟୁଟି ସାରି ବାଇକରେ ଯିବାବେଳେ ରାସ୍ତା ଡିଭାଇଡର ସହ ଧକ୍କା ହୋଇ ତଳେ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ପହଞ୍ଚି ବାଇକକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି।

## ରାଜପଥ ପାଖରେ ତେଲ ଷ୍ଟୋର ଜଳିଯିବା ଘଟଣା
# ମାମଲା ରୁଜୁ: କାର୍ଯ୍ୟାନୁଷ୍ଠାନ ଶୂନ୍

**ପାରାଦୀପ,୨୩।୧୧(ଶରତ ରାଉତ):** ପାରାଦୀପ ଲକ ଥାନା ଅନ୍ତର୍ଗତ ପିପିଏଲ ଛକ ପାଖ ଜାତୀୟ ରାଜପଥ ପାଖରେ ବୁଧବାର ଚୋରା ତେଲ ଷ୍ଟୋର ଜଳି ଯାଇଥିଲା। ଏଥିରେ ୨ଟି ଟ୍ରକ ଓ ଗୋଟିଏ କଣ୍ଟେନର ପୋଡ଼ି ଯାଇଥିଲା। ଘଟଣାକୁ ୨୪ ଘଣ୍ଟା ବିତିଥିଲେଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। କେବଳ ଟ୍ରକ ମାଲିକ ଶ୍ରୀବତ୍ସ କୁମାର ନାଥଙ୍କ ଅଭିଯୋଗ ଅନୁସାରେ ନଂ. ୫୩୧/୨୩ରେ ମାମଲା ରୁଜୁ ହୋଇଛି। ସେଠାରେ ଥିବା ଏକ ସିସିଟିଭି ଫୁଟେଜ ପୋଲିସ ପାଇଛି। କିନ୍ତୁ ଏତେ ପରିମାଣର ଡିଜେଲ ସେଠାରେ କେମିତି ଗଚ୍ଛିତ ଥିଲା କିଏ ନିଆଁ ଲଗାଇଲା ତା' ଉପରେ କାହାକୁ ଅଭିଯୁକ୍ତ ଭାବେ ନିଆଯାଇନାହିଁ। ଘଟଣା ସମ୍ପର୍କରେ ଥାନାଧିକାରୀ କୁଳମଣି ସେଠୀଙ୍କୁ ପଚାରିବାରେ ଆମେ ଏବେ ତଦନ୍ତ କରିବା ସହ କିଛି ତଥ୍ୟ ସଂଗ୍ରହ କରିଛୁ। ସିସିଟିଭି ଫୁଟେଜରେ ଜଣେ ଲୋକ କାରରୁ ଓହ୍ଲାଇ ତେଲ ଥିବା କଣ୍ଟେନର ପାଖକୁ ଯାଉଥିବା ଦେଖିବାକୁ ମିଳିଛି।

# ୱେଷ୍ଟର୍ନ ଡକ୍‌ର ଶିଳାନ୍ୟାସ



ଶିଳାନ୍ୟାସରେ ଜେଏସ୍‌ପିଏଲ୍‌ର ମୁଖ୍ୟ ନବୀନ ଜିନ୍ଦଲ, ବନ୍ଦର ଅଧ୍ୟକ୍ଷ ପିଏଲ୍ ହାରାନ୍ଧ।

## ୩ ହଜାର କୋଟି ଟଙ୍କା ପୁଞ୍ଜି ନିବେଶ ହେବ

**ପାରାଦୀପ,୨୩।୧୧(ଶରତ ରାଉତ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଗୁରୁବାର ୱେଷ୍ଟର୍ନ୍ ଡକ୍ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏସ୍‌ପିଏଲ (ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍)କମ୍ପାନୀ ପକ୍ଷରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କମ୍ପାନୀ ମୁଖ୍ୟ ନବୀନ ଜିନ୍ଦଲ ପାରାଦୀପ ଆସିଥିଲେ। ପ୍ରସ୍ତାବିତ ଜାଗାରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇ ଶିଳାନ୍ୟାସ କରିଥିବାବେଳେ ନବୀନ ଜିନ୍ଦଲ ଉପସ୍ଥିତ ଥିଲେ। ପୂର୍ବଘୋଷଣା ଅନୁସାରେ, ପାରାଦୀପ ବନ୍ଦର ସମ୍ପ୍ରସାରଣ ପାଇଁ ଏହି କମ୍ପାନୀ ଅଗ୍ରାଧିକାର ପାଇଛି। ଏଥିରେ ପ୍ରାୟ ୩ ହଜାର କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ହେବ। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସେଥିରେ ବାର୍ଷିକ ୩ ହଜାର ମେଟ୍ରିକ ଟନ୍ ପଣ୍ୟ କାରବାର ହୋଇପାରିବ। ଏହାକୁ ବିଓଟି (ବିଲ୍ଡ ଅପରେଟ ଟ୍ରାନ୍ସଫର) ବେସିସ୍‌ରେ ଦିଆଯାଇଥିବା ଜଣାପଡ଼ିଛି।

# ଫାଟକ ଆଗରେ ଏସ୍‌ଏଚଜି ସଦସ୍ୟାଙ୍କ ଧାରଣା



**କୁଜଙ୍ଗ,୨୩।୧୧(ମନୋଜ ପ୍ରଧାନ)**

### ବିଦ୍ୟାଳୟରେ ଜଗୁଆଳି, ଝାଡୁଦାର ନିଯୁକ୍ତିରେ ଚଞ୍ଚକତା ଅଭିଯୋଗ

ବିଦ୍ୟାଳୟରେ ଜଗୁଆଳି ଓ ଝାଡୁଦାର ନିଯୁକ୍ତିରେ ଚଞ୍ଚକତା ହୋଇଥିବା ଅଭିଯୋଗ କରି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚଜି)ର ସଭ୍ୟାମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। ମିଶନ ଶକ୍ତି ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟରେ ଜଗୁଆଳି ଓ ଝାଡୁଦାର ନିଯୁକ୍ତି ହେବା ନିମନ୍ତେ ସରକାର ନିଷ୍ପତ୍ତି ନେଇଛନ୍ତି। ସେହି ଅନୁସାରେ କୁଜଙ୍ଗ ବ୍ଲକର ୬ଟି ବିଦ୍ୟାଳୟରେ ଝାଡୁଦାର ଓ ଜଗୁଆଳି ନିଯୁକ୍ତି ପାଇଁ ମିଶନ ଶକ୍ତି ପକ୍ଷରୁ ଅଗଷ୍ଟ ୧୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଦରଖାସ୍ତ କରିବାର ଶେଷ ତାରିଖ ଅଗଷ୍ଟ ୨୮ରେ ଥିଲା। ବ୍ଲକ ମିଶନ ଶକ୍ତିର ବିପିସି ହ୍ୱାଟ୍‌ସାପ ଗ୍ରୁପ ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି ଗ୍ରୁପରେ ଏମ୍‌ବିକେ, ସିଆର୍‌ପିମାନେ ଅର୍ନ୍ତଭୁକ୍ତ ଅଛନ୍ତି। ହେଲେ କୁଜଙ୍ଗ ବ୍ଲକ ଫତେପୁର ପଞ୍ଚାୟତରେ ୧୦୫ଟି ଏସ୍‌ଏଚଜି ଥିବାବେଳେ ଜଣେ ଏମ୍‌ବିକେ ଓ ୧୦ଜଣ ସିଆର୍‌ପି ଅଛନ୍ତି। ମାତ୍ର ଗ୍ରୁପରେ ଛଡା ଯାଇଥିବା ବିଜ୍ଞପ୍ତି ସମ୍ପର୍କରେ କୌଣସି ଏସ୍‌ଏଚଜି ଜାଣି ପାରି ନ ଥିଲେ। ପୋଲେଇ ଆଞ୍ଚଳିକ ମଞ୍ଚର ମା' ମଙ୍ଗଳା ଏସ୍‌ଏଚଜି କେବଳ ଦରଖାସ୍ତ କାରିଥିଲେ। ଗୋଟିଏ ଏସଏଚଜି ଦରଖାସ୍ତ କରିଥିବାରୁ ପୁନର୍ବାର ୭ଦିନ ଅର୍ଥାତ ସେପ୍ଟେମ୍ବର ୪ରେ ପର୍ଯ୍ୟନ୍ତ ଆବେଦନ ତାରିଖ ବିପିସି ବୃଦ୍ଧି କରି ସମ୍ପୃକ୍ତା ଏମ୍‌ବିକେ, ସିଆର୍‌ପି ଓ ସରପଞ୍ଚଙ୍କୁ ଜଣାଇଥିଲେ। ତଥାପି ଅନ୍ୟ କୌଣସି ଏସ୍‌ଏଚଜି ଏ ସଂକ୍ରାନ୍ତରେ ଜାଣି ନ ଥିଲେ। ମାତ୍ର ମା' ମଙ୍ଗଳା ଏସଏଚଜିକୁ ଯେତେବେଳେ ଜଗୁଆଳି ଓ ଝାଡୁଦାର ନିଯୁକ୍ତି ମିଳିଲା ଓ ସେମାନେ କାର୍ଯ୍ୟରେ ଯୋଗଦେଲେ ସେତେବେଳେ ଅନ୍ୟ ୧୦୪ ଏସ୍‌ଏଚଜି ଆଶ୍ଚର୍ଯ୍ୟ ହୋଇ କିପରି ଏମାନଙ୍କୁ ନିଯୁକ୍ତି ମିଳିଲା ବିପିସି, ଏମ୍‌ବିକେ ଓ ସିଆର୍‌ପିଙ୍କୁ ପଚାରିବାରେ ଜଳଧରପୁରର ସିଆର୍‌ପି ବିନତା ପରିଡ଼ା ଜାଣିନାହାନ୍ତି ବୋଲି କହିଥିଲେ। ତେଣୁ ଉକ୍ତ ନିଯୁକ୍ତିରେ ଚଞ୍ଚକତା ହୋଇଛି ବୋଲି ଅଭିଯୋଗ କରି ଗୁରୁବାର ୧୦୪ ଏସ୍‌ଏଚଜିର ସଭ୍ୟାମାନେ ସମ୍ପୃକ୍ତ ଜଳଧରପୁର ସ୍ଥିତ ମା' ରାମଚଣ୍ଡି ଉନ୍ନିତ ଉଚ୍ଚ ବିଦ୍ୟାଳୟ ଫାଟକ ସମ୍ମୁଖରେ ନିଯୁକ୍ତି ବାତିଲ ଦାବିରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ବିପିସି ଜ୍ୟୋସ୍ନା ମନ୍ତ୍ରୀଙ୍କୁ ପଚାରିବାରେ ବିଧିବଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସିଆର୍‌ପିମାନଙ୍କୁ ନେଇ ଗଠିତ ହ୍ୱାଟ୍‌ସାପ ଗ୍ରୁପ, ଏମ୍‌ବିକେମାନଙ୍କୁ ନେଇ ଗଠିତ ହ୍ୱାଟ୍‌ସାପ ଗ୍ରୁପ, ସରପଞ୍ଚମାନଙ୍କୁ ନେଇ ଗଠିତ ହ୍ୱାଟ୍‌ସାପ ଗ୍ରୁପରେ ଜଣାଯିବା ସହ ବିଡିଓ ଓ ବିପିଏମ୍‌ଙ୍କୁ ଜଣା ଯାଇଥିଲା। ଗୋଟିଏ ଏସଏଚଜି ଆବେଦନ କରିଥିବା ବେଳେ ଅନ୍ୟମାନେ କେମିତି ଜାଣିପାରିଲେ ନାହିଁ ସେ ସମ୍ପର୍କରେ ସମ୍ପୃକ୍ତ ଏମ୍‌ବିକେ ଓ ସିଆରପି କହି ପାରିବେ। ଏ ସମ୍ପର୍କରେ ଏମ୍‌ବିକେ ପଙ୍କଜିନି ବେହେରାଙ୍କୁ ପଚାରିବାରୁ ସିଆର୍‌ପିଙ୍କର ଦାୟିତ୍ୱ ଜଣାଇବା କଥା।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପାରାଦୀପ ଚଳଚଞ୍ଚଳ

**ପାରାଦୀପ,୨୩।୧୧(ଶରତ ରାଉତ)**

## କେନ୍ଦ୍ରାଞ୍ଚଳ ଆଇଜିଙ୍କ ସମୀକ୍ଷା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୭ ତାରିଖ ସକାଳେ ପାରାଦୀପ ଗସ୍ତରେ ଆସିବେ। ଏହି ଅବସରରେ ସେ ପାରାଦୀପ ବନ୍ଦର ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେବେ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। ଏହିକ୍ରମରେ ଗୁରୁବାର ଆଇନ ଶୃଙ୍ଖଳା ସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂହ ପାରାଦୀପ ଗସ୍ତ କରିଥିଲେ। ସେ ରାଷ୍ଟ୍ରପତିଙ୍କ ବାୟୁସେନା ହେଲିକପ୍ଟର ଓହ୍ଲାଇବା ସ୍ଥାନ ଗୋପବନ୍ଧୁ ଷ୍ଟାଡିୟମରୁ ବନ୍ଦର ମେରାଇନ ଜେକ ପର୍ଯ୍ୟନ୍ତ ବୁଲି ଦେଖିଥିଲେ। ପରେ ବନ୍ଦର ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ୫ ଦିନ ପାଇଁ ମଧୁବନ ନୂଆ ରାସ୍ତା ପାଖକୁ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ସ୍ଥିର କରାଯାଇଥିଲା। ମାତ୍ର ଯେଉଁ ନୂଆ ଜାଗାରେ ବସ୍ ରହିବ ସେଠାରେ ପାଣି, ଶୌଚାଳୟ ଆଦି ବ୍ୟବସ୍ଥା କରାଯାଇ ନ ଥିବାରୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏହି ସ୍ଥାନାନ୍ତର ହୋଇ ପାରି ନ ଥିଲା। ଏନେଇ ପାରାଦୀପ ଘରୋଇ ବସ୍ ମାଲିକସଂଘ ସଭାପତି ରଶ୍ମିରଞ୍ଜନ ପରିଡ଼ା ସୂଚନା ଦେଇଛନ୍ତି।

# ତଟ ସଫା ରହିଲେ ପ୍ରକୃତି ତିଷ୍ଠି ରହିବ

**ପାରାଦୀପ,୨୩।୧୧(ଶରତ ରାଉତ)**

ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ୨ ଦିନିଆ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ସନ୍ଧ୍ୟାରେ ଶେଷ ହୋଇଛି। ଏଥିରେ ଓଡିଶା ସମେତ ପଶ୍ଚିମବଙ୍ଗ ଉପକୂଳ ଓ ତଟ ଅଞ୍ଚଳରେ ସଫେଇ କରାଯାଇଥିଲା। ଏହାକୁ କୋଷ୍ଟଗାର୍ଡ ଡିଆଇଜି ୱାଇ.କେ ସିଂହ ବୁଧବାର ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ସମୁଦ୍ର ପାଣିରେ ଭାସୁଥିବା ତୈଳାକ୍ତ ଆସ୍ତରଣକୁ ସ୍କଞ୍ଜି ଜରିଆରେ ସଫେଇ କରାଯାଇଥିଲା। ଗୁରୁବାର ତଟରେ ଥିବା ପ୍ଲାଷ୍ଟିକ ପଲିଥିନ, ଜାଲ ସୂତା ଆଦି ସଫେଇ କରାଯାଇଥିଲା। ଏଥିରେ ସିଆଇଏସ୍‌ଏଫ, ଓଡ଼ିଶା ପୋଲିସ, ସାମୁଦ୍ରିକ ପୋଲିସ, ଏନ୍‌ସିସି, ପାରାଦୀପ ପୌରପାଳିକା, କଲେଜ ଛାତ୍ରୀଛାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସ୍ଥଳ ଭାଗରେ ସୃଷ୍ଟ ପ୍ରଦୂଷଣ ମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଆବର୍ଜନା ସମୁଦ୍ରରେ ମିଶିଥାଏ। ଏହାବାଦ ପଣ୍ୟବାହୀ ଜାହାଜ ଓ ମାଛଧରା ବୋଟରୁ ତୈଳ ଓ ଅନ୍ୟ ଆବର୍ଜନା ପାଣିରେ ମିଶିଥାଏ। ସେଗୁଡିକ ସମୁଦ୍ର ପାଣିରେ ନ ପକାଇବା ପାଇଁ ନିୟମ ଅଛି। ତଥାପି ସମୁଦ୍ର ପ୍ରଦୂଷିତ ହେବାରେ ଲାଗିଛି। ଏହା ମାନବ ସମାଜ ପାଇଁ ବିପଦବୋଲି ଡିଆଇଜି ସିଂହ କହିଥିଲେ।





**ଦିଲ୍ଲୀ ମେଟ୍ରୋ ରେଲ କର୍ପୋରେଶନ୍ ଲିଃ**
(ଭାରତ ସରକାର ଏବଂ ଦିଲ୍ଲୀ ଏନ୍‌ସିଟି ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

**ବିଡ୍ ପାଇଁ ଆମନ୍ତ୍ରଣ**

**ଠିକା ବିବିସି-୦୧:- ଭୁବନେଶ୍ୱର ଏମ୍‌ଆର୍‌ଟିଏସ୍‌ର ପର୍ଯ୍ୟାୟ-I ନିମନ୍ତେ ଫୁଲପୋଖରୀ ଷ୍ଟେଶନ ନିକଟରେ ଫୁଲପୋଖରୀ ଡିପୋର ପାଚେରି ନିର୍ମାଣ।**
ଦିଲ୍ଲୀ ମେଟ୍ରୋ ରେଲ କର୍ପୋରେଶନ୍ ଲିଃ (ଡିଏମ୍‌ଆର୍‌ସି) ଉପରଦର୍ଶିତ କାର୍ଯ୍ୟ ପାଇଁ ଆବଶ୍ୟକ ଆର୍ଥିକ ଏବଂ ବୈଷୟିକ ବିଶେଷଜ୍ଞତାଧାରୀ ଯୋଗ୍ୟ ବିଡରମାନଙ୍କଠାରୁ ଅନ୍‌ଲାଇନ୍ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରୁଛି।
ସବିଶେଷ ସୂଚନା ପାଇଁ www.delhimetrorail.com କିମ୍ବା ଇ-ଟେଣ୍ଡରିଂ ୱେବ୍‌ସାଇଟ୍ https://eprocure.gov.in/eprocure/app ରେ ଲଗ୍ ଅନ୍ କରନ୍ତୁ।

ବିଜ୍ଞାପନ ସଂଖ୍ୟା: DMRC/934/2023



नेशनल इन्श्योरेन्स National Insurance Trusted Since 1906

**NATIONAL INSURANCE COMPANY LIMITED**
(A Govt. Of India Undertaking
CIN : U10200WB1906GOI001713
BHUBANESWAR REGIONAL OFFICE
6th Floor, IDCO Tower, Janpath, Bhubaneswar-751022, Mob: 8599082456, 7008582628

**TENDER NOTICE**

Tender No. : 160000/BBRO/IT/2023-24/01
Sealed Tenders in Two Bid system is invited from reputed firms for supply of UPS batteries for our offices across Odisha. Instructions for tenderers including eligibility criteria along with the prescribed format for tender are available from IT Department at the above address on all working days during office hours from **23/11/2023 to 07/12/2023**. Details are also available at **https://www.nationalinsurance.nic.co.in.** The tenders may be submitted in the Tender Box at above address. Company reserves the right to cancel any/all tenders without giving any reason

Date : 23/11/2023 Chief Regional Manager


# ୩ ଦିନ ହେବ ଝଙ୍କଡ଼ ବୋଇତ ବନ୍ଦାଣ ଉତ୍ସବ

**ତିର୍ତ୍ତୋଲ, ୨୩।୧୧ (ଗୌରାଙ୍ଗ ଚରଣ ସ୍ୱାଇଁ)**

ତିର୍ତ୍ତୋଲ ବ୍ଲକ ଝଙ୍କଡ଼ ଶାରଳା ପୀଠ କନକପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଝଙ୍କଡ଼ ବୋଇତ ବନ୍ଦାଣ ପରିଷଦର ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ରେବତୀ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ସାମାଜିକ କର୍ମୀ ଅଶୋକ କୁମାର ମହାନ୍ତି ବୈଠକ ସମ୍ପର୍କରେ ସୂଚନା ଦେବା ସହ ପୂର୍ବବର୍ଷ ଭଳି ଚଳିତ ବର୍ଷ ୩ଦିନ ଧରି ଉତ୍ସବ ହେବା ନେଇ ଘୋଷଣା କରିଥିଲେ। ଆସନ୍ତା ୨୭, ୨୮ ଓ ୨୯ ତାରିଖରେ ଏହି ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯିବ। ଏହି ଉପଲକ୍ଷେ ୨୭ ତାରିଖରେ ସାଧବ ବୋହୂମାନଙ୍କ ଦ୍ୱାରା, ସାରଳା ଦାସ ସରୋବରରେ ବୋଇତ ବନ୍ଦାଣ କରାଯିବ। ଏଥିସହ ସଙ୍କୀର୍ତ୍ତନ ଓ ଭଜନ ସମାରୋହ ମଧ୍ୟ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ବସନ୍ତ ବଗିଚା ମଞ୍ଚରେ ନୃତ୍ୟ, ସଙ୍ଗୀତ ଆଦି ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଓ ପାରଦର୍ଶିତା ଅର୍ଜନ କରିଥିବା କଳାକାର ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ମିନା ବଜାର ଓ ବିପଣିମାଳା ପଡିବ ବୋଲି ସୂଚନା ଦିଆଯାଇଛି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ରଜନୀକାନ୍ତ ରାଉଳ, ପ୍ରକାଶ ଚନ୍ଦ୍ର ସିଂହ, ସର୍ବେଶର ଭଞ୍ଜ, ଶଶିଭୂଷଣ ଦାସ, ସୁରେନ୍ଦ୍ର ବିଶ୍ୱାଳ, ମନୋଜ ଦାସ, ଲଳିତ ମହାନ୍ତି, ତାପସ ମଲ୍ଲିକ, ଦୁର୍ଗାଦତ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ପ୍ରଦୀପ୍ତ ବେହେରା, ଜୟନ୍ତ କୁମାର ସାହୁ, ରୁଦ୍ରପ୍ରସନ୍ତ ରାଉଳ, ଗୀତାରାଣୀ ରାଉଳ, ବିଜୟ କୁମାର ସାହୁ, କଳ୍ପନା ରାଉଳ, ଶାରଳା ସାହିତ୍ୟ ପ୍ରଚାରକ ରମାକାନ୍ତ ରାଉଳ ପ୍ରମୁଖ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ଦେଇଥିଲେ।






## ସଂକ୍ଷେପରେ

### ବିଦ୍ୟୁତ୍ ଟାୱାରରେ ଚଢ଼ି ମଦ୍ୟପ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ,୨୩।୧୧(ପ୍ରଦୀପ୍ତ କୁମାର ପୃଷ୍ଟି): ଯାଜପୁର ଜିଲା ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଥିବା ଏକ ୧୩୨ କେଭି ବିଦ୍ୟୁତ୍ ଟାୱାରରେ ଚଢ଼ି ଜଣେ ମଦ୍ୟପ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଲିଚନ୍ଦ୍ରପୁର ଗ୍ରାମର ବୈଲୋଚନ ଘଡ଼େଇ ଓରଫ୍ ବଇନ(୪୮)।

ଗୁରୁବାର ଅପରାହ୍ନ ପ୍ରାୟ ୪ଟାରେ ସେ ମଦ ପିଇ ୧୩୨ କେଭି ବିଦ୍ୟୁତ୍ ଟାୱାର ଉପରେ ଚଢ଼ି ଯାଇଥିଲେ। ଟାୱାର ଉପରେ ୪୫ ମିନିଟ ଧରି ବସି ରହି ଗାଳିଗୁଲଜ କରିଥିଲେ। ଏହାକୁ ଶହଶହ ଲୋକ ଦୂରରେ ରହି ଦେଖୁଥିଲେ। ଏହାପରେ ବଇନ ଟାୱାରରୁ ତଳକୁ ଓହ୍ଲାଇଥିଲେ। ଏହି ସମୟରେ ପୁନର୍ବାର ଟାୱାର ପାର୍ଶ୍ୱରେ ଯାଇଥିବା ତାର ଉପରେ ଥିବା ଶଙ୍ଖକୁ ସ୍ପର୍ଶ କରିଥିଲେ। ଶଙ୍ଖକୁ ଛୁଇଁବା ପରେ ତାଙ୍କ ସାର୍ଟ ଜଳିବା ସହିତ ସେ ଟାୱାରର ୫୦ଫୁଟ ତଳକୁ ଖସି ପଡ଼ିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବଇନ ପୂର୍ବରୁ ବହୁ ଥର ମଦ୍ୟପାନ କରି ଏହି ଟାୱାରରେ ଚଢ଼ିଥାନ୍ତି ବୋଲି ସୂଚନା ମିଳିଛି।

### କିଡ୍‌ନୀ ରୋଗ ଆକ୍ରାନ୍ତରେ ଯବାନଙ୍କ ମୃତ୍ୟୁ

ଧର୍ମଶାଳା,୨୩।୧୧(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଚୋରମୁହଁ ଗ୍ରାମର ଯବାନ ରଞ୍ଜନ ବେହେରା (୪୦)ଙ୍କ କିଡ୍‌ନୀ ରୋଗ ଆକ୍ରାନ୍ତରେ



ମୃତ୍ୟୁ ହୋଇଛି। ସେ ଓଡ଼ିଶା ପୋଲିସରେ ୨୦୧୩ରେ ଯୋଗଦେଇ ଓଡ଼ିଶା ଆର୍ମ ପୋଲିସ ଫୋର୍ସ କଟକସ୍ଥିତ ୬ଷ୍ଠ ବାଟାଲିୟନରେ କାର୍ଯ୍ୟରତ ଥିଲେ। ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। କଟକ ବଡ଼ ଡ଼ାକ୍ତରଖାନାରେ ଗୁରୁବାର ମୃତ୍ୟୁ ହେବା ପରେ ତାଙ୍କ ମୃତଦେହକୁ ଧର୍ମଶାଳା ବଜାରରୁ ଗ୍ରାମବାସୀ ଶୋଭାଯାତ୍ରାରେ ଘରକୁ ଆଣିଥିଲେ। ସରପଞ୍ଚ ପ୍ରଦ୍ୟୁମ୍ନ ମହାନ୍ତିଙ୍କ ସମେତ ସହପାଠୀ, ସହକର୍ମୀ ପହଞ୍ଚି ଶେଷଦର୍ଶନ କରିଥିଲେ। ବ୍ରାହ୍ମଣୀ ନଦୀ ତଟରେ ଅନ୍ତିମ ସତ୍କାର କରାଯାଇଥିଲା। ତାଙ୍କ ୪ ବର୍ଷର ପୁଅ ରମନ୍ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଟ୍ରଲର ଜବତ, ୯ ମସ୍ୟଜୀବୀ ଗିରଫ

ରାଜନଗର, ୨୩।୧୧ (ଭାସ୍କର ରାଉତରାୟ)

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ମାଛ ମାରୁଥିବା ଏକ ଟ୍ରଲରକୁ ଜବତ କରାଯିବା ସହ ୯ ମସ୍ୟଜୀବୀଙ୍କୁ ଗିରଫ କରାଯାଇଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ କୁମାର ମହାରଣା, ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନ ବିଭାଗ ପାଟ୍ରୋଲିଂ ଟିମ ସାତଭାୟା କୂଳ ନିକଟରୁ ଦୀପିକା-୧ ନାମକ ଟ୍ରଲରକୁ ଜବତ କରିଥିଲେ। ଏଥିସହିତ ଟ୍ରଲରରେ ଥିବା ମସ୍ୟଜୀବୀ ରାମନାରାୟଣ ମଣ୍ଡଳ, ନାରାୟଣ ରାମ ମଣ୍ଡଳ, ଧନେଶ୍ୱର ମଣ୍ଡଳ, ଶଙ୍କର୍ଷଣ ମହାଳିକ, ବୃନ୍ଦାବନ ମହାଳିକ, ଶହଦେବ ମଣ୍ଡଳ, ଚନ୍ଦ୍ର ପ୍ରସାଦ ମାଝି, ରମେଶ ମାଝି, ରାଜେଶ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

# ବର୍ଷେ ବିତିଛି, ଭୟ କମିନି

## ବାଲିଆ ବାଣ ବିସ୍ଫୋରଣ

ଡେରାବିଶ, ୨୩।୧୧(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଭାଗବତପୁର ପଞ୍ଚାୟତ ବାଲିଆ ବଜାରରେ ୨୦୨୨ ନଭେମ୍ବର ୨୪ରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବରେ ହୋଇଥିବା ବାଣ ବିସ୍ଫୋରଣ ଘଟଣାକୁ ଶୁକ୍ରବାର ବର୍ଷେ ପୂରିବ। ଏହି ଭୟଙ୍କର ବାଣ ବିସ୍ଫୋରଣରେ ବହୁ ଲୋକ ଗୁରୁତର ଆହତ ହେବା ଘଟଣା ଏବେବି ଲୋକଙ୍କ ମନ ଭିତରେ ଉଙ୍କି ମାରୁଛି। ତେବେ ଏହି ବିସ୍ଫୋରଣରେ ଚିକିତ୍ସିତ ହେଉଥିବା ବେଳେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ ଉଦୟନାଥ ଭୋଇ ଓ ସେକ୍ କରିମ୍ ଉଦ୍ଦିନ। ଏହି ଘଟଣାରେ ଗୁରୁତର ଥିବା ଅନ୍ୟମାନେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ତେବେ ବହୁ ଲୋକଙ୍କର ଶରୀରର ବିଭିନ୍ନ ସ୍ଥାନରେ ପୋଡ଼ା ଦାଗ ଏବେବି ଲିଭି ନାହିଁ। ଏହି ଅବସରରେ ଗୁରୁବାର ଭାଗବତପୁର ପଞ୍ଚାୟତ ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ସଭାକକ୍ଷରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର





ଶ୍ରଦ୍ଧାଞ୍ଜଳି ସଭାରେ ଆହତଙ୍କ ସହିତ ଅନ୍ୟମାନେ।

ଶୁଭାରମ୍ଭ କରିଥିଲେ। ସାମାଜିକ କର୍ମୀ ଧୀରେନ୍ଦ୍ର ନାଥ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସରପଞ୍ଚ ନାୟକ ନିଜ ବକ୍ତବ୍ୟରେ ଦୀର୍ଘବର୍ଷ ଧରି ହୋଇ ଆସୁଥିବା ଏହି କାର୍ତ୍ତିକେଶ୍ୱର ଭସାଣି ଉତ୍ସବରେ ଅତି ଅପ୍ରତ୍ୟାଶିତ ଭାବେ ହୋଇଥିବା ବାଣ ବିସ୍ଫୋରଣ ଘଟଣା ସମଗ୍ର ଜିଲା ପାଇଁ ଏକ ଦୁଃଖଦ ଘଟଣା ଥିଲା। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ୨ଜଣଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆହତ ହୋଇଥିବା ୨୫ ଜଣ ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ କାମନା କରି ସେମାନଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିଥିଲେ।

ଚଳିତବର୍ଷ ବାଲିଆ ବଜାରର କାର୍ତ୍ତିକେଶ୍ୱର ପୂଜା ଅତି ନିରାଡ଼ମ୍ବର ଭାବେ ହେବା ସହ ବାଣ ଭଳି ବିସ୍ଫୋରକ ଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବାକୁ ନାୟକ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଗାଳ୍ପିକ ମାତୃଦତ୍ତ ମହାନ୍ତି ସଂଯୋଜନା କରିଥିବା ବେଳେ ସଂଗ୍ରାମ କେଶରୀ ସାମଲ, ନଗେନ୍ଦ୍ର ରାଉତ, ଜୟନ୍ତ ସ୍ୱାଇଁ, ମନୋଜ ରଣା ପ୍ରମୁଖ ପରିଚାଳନା କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କେନ୍ଦ୍ରାପଡ଼ା ସହର ଉପକଣ୍ଠ ଜୟିପୁରା ଗ୍ରାମର ସେଖ୍ ମାରୁଫ୍ ଅଲ୍ଲି ଓ ଶେଖ୍ ଅମିରୁଦ୍ଦିନ୍ ସେହିଦିନର ଲୋମହର୍ଷଣକାରୀ ଘଟଣା ବିଷୟରେ ନିଜର ଅନୁଭୂତି ସମ୍ପର୍କରେ କହିବାକୁ ଯାଇ ଭସାଣି ଉତ୍ସବରେ ବ୍ୟବସାୟ କରିବାକୁ ଆସି ବଜାର ମଧ୍ୟରେ ପସରା ମେଲାଇ ଥିଲି। ଏହି ସମୟରେ ବିସ୍ଫୋରଣ ଘଟି ବାଣ ତାଙ୍କ ଦୋକାନ ଉପରେ ପଡ଼ିଥିଲା। ବହୁ ଟଙ୍କାର ସାମଗ୍ରୀ ବିସ୍ଫୋରଣରେ ନଷ୍ଟ ହୋଇଯାଇଥିଲା। ସେ ନିଜେ ଗୁରୁତର ହୋଇ ମେଡ଼ିକାଲରେ ଦୀର୍ଘଦିନ ଚିକିତ୍ସା ହୋଇ ମଧ ଏବେବି ସେ ସକ୍ଷମ ଅବସ୍ଥାରେ ନାହାନ୍ତି ବୋଲି କହିଥିଲେ। ଏହି ବିସ୍ଫୋରଣରେ ଶରୀରର ବହୁ ସ୍ଥାନ ପୋଡ଼ି ଯାଇଥିଲା। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଜମଧର ପଞ୍ଚାୟତ ସାନଗାଁ ଗ୍ରାମର ହୃଷୀକେଶ ମହାରଣା କହିଛନ୍ତି, ଭସାଣି ଉତ୍ସବ ଦେଖୁଥିଲା ବେଳେ ହଠାତ୍ ବିସ୍ଫୋରଣ ଘଟିବାରୁ ତାଙ୍କ ଶରୀରର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ିଯାଇଥିଲା। ପ୍ରଶାସନ କେବଳ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ଦେଇଥିଲା। ପରେ ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ସେହିପରି ସ୍ଥାନୀୟ ବଣହରା ଗ୍ରାମର ବଳରାମ ରାଉତ, କରିମୂଳ ଗ୍ରାମର ଭଞ୍ଜ କିଶୋର ନାୟକ ପ୍ରମୁଖ ସେଦିନର ସେହି ଲୋମହର୍ଷଣକାରୀ ଘଟଣା ସମ୍ପର୍କରେ ନିଜର ପ୍ରତ୍ୟକ୍ଷ ଅନୁଭୂତି ବର୍ଣ୍ଣନା କରିଥିଲେ। ତେବେ ଏବେବି ଆହତ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ଆର୍ଥିକ ଦୂରାବସ୍ଥା ପାଇଁ ନିଜର ଚିକିତ୍ସା ପାଇଁ ସମସ୍ୟା ଦେଖା ଦେଇଥିବା କହିଥିଲେ। ଏହି ବ୍ୟକ୍ତିମାନଙ୍କୁ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ସାମାଜିକ କର୍ମୀ ରାଜେଶ ପଣ୍ଡା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ଶ୍ରୀବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ

କେନ୍ଦ୍ରାପଡ଼ା, ୨୩।୧୧ (ଜଗନ୍ନାଥ ଧଳ)

କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପ୍ରଳମ୍ବାସୁର ବଧ ବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ବେଶ ପାଇଁ ପୁରୀରୁ ଆସିଥିବା ଖଣ୍ଡୁଆ ପାଟକୁ ଶ୍ରୀଜୀଉମାନେ ପରିଧାନ କରିଥିଲେ। ପରମ୍ପରା ଅନୁଯାୟୀ, ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ବେଶ କରାଯାଇଥିଲା। ଏହି ବେଶ ଦେଖିବା ପାଇଁ ସନ୍ଧ୍ୟା ସମୟରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ପ୍ରତ୍ୟୁଷରୁ ପୂଜାପଣ୍ଡାଙ୍କ ଦ୍ୱାରା ମନ୍ଦିର ପହଡ ଫିଟାଯାଇ ମଙ୍ଗଳ ଆଳତି ହୋଇଥିଲା। ପରେ ନୀତିସ୍ନାନ ସମାପନ ହୋଇ ଗୋପାଳବଲ୍ଲଭ ଧୂପ ଉଠିଥିଲା। ପୂର୍ବାହ୍ନ ୧୧ଟାରେ ଖେଚୁଡ଼ି ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିରେ ଦାମୋଦର ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀବଳଦେବଜୀଉ ଶ୍ରୀପୟର (ପାଦ) ପ୍ରଳମ୍ବାସୁର କାନ୍ଧ ଉପରେ ରଖି ବଧ କରୁଥିବା ଦୃଶ୍ୟ ଶ୍ରଦ୍ଧାଳମାନେ



ଦର୍ଶନ କରିଥିଲେ। ଏହି ବେଶରେ ୪ ଫୁଟ ଉଚ୍ଚତାର ଏକ କାଷ୍ଠ ନିର୍ମିତ ପ୍ରଳମ୍ବାସୁରଙ୍କ ପ୍ରତିମୂର୍ତ୍ତି ମହାପ୍ରଭୁଙ୍କ ଶ୍ରୀଚରଣରେ ଶୋଭା ପାଉଥିଲା। ଶ୍ରୀଜୀଉଙ୍କ ରୀତିନୀତି ଅନୁଯାୟୀ, ରାତି ଧୂପ ପୂର୍ବରୁ ରତ୍ନ ସିଂହାସନରେ ଥିବା ଶ୍ରୀଗୋବିନ୍ଦଜୀଉଙ୍କୁ ମଣି ବିମାନରେ ବେଢ଼ା ପରିକ୍ରମା କରାଯାଇଥିଲା। ରାତି ଧୂପ ବଢ଼ିଲା ପରେ ଶ୍ରୀଜୀଉଙ୍କୁ ପଞ୍ଚୁ ଆଳତି ଓ ପରେ ମହାଦୀପ ସୁଆର ସେବାୟତଙ୍କ ଦ୍ୱାରା ମନ୍ଦିରର ଶିଖରକୁ ଉଠିବ ବୋଲି ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ନାବାଳିକା ବଳାତ୍କାର: ୨ ଅଭିଯୁକ୍ତଙ୍କୁ ୧୨ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦ୍ରାପଡ଼ା, ୨୩।୧୧ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ୨୦୧୧ ମସିହାରେ ଅପହରଣ ସହ ବଳାତ୍କାର ହୋଇଥିଲା। ଏ ନେଇ ଥାନାରେ ନଂ. ୧୭୪/୧୧ରେ ମାମଲା ରୁଜୁ ହୋଇଥିଲା। ଏହାର ଶୁଣାଣି ହୋଇ ଗୁରୁବାର ରାୟ ପ୍ରକାଶ ପାଇଛି। ଆଡହକ ଆଡିଶନାଲ ଡିଷ୍ଟ୍ରିକ୍ଟ ସେସନ୍ସ ଜଜ୍ (ଫାଷ୍ଟ ଟ୍ରାକ୍) ତ୍ରିବିକ୍ରମ କେଶରୀ ଚିନ୍ନରା ଏହି ମାମଲାକୁ ଶୁଣାଣି କରି ଏହି ଥାନା ଅନ୍ତର୍ଗତ ଗଣ୍ଡକୂଳ ଗ୍ରାମର ଡୋରା ଜେନା ଓ ରାଜନଗର ଥାନା ଗୋବିନ୍ଦପୁର ଗ୍ରାମର ଅନିଲ ମଲ୍ଲିକଙ୍କୁ ୧୨ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ଉଭୟଙ୍କୁ ହୋଇଥିବା ୨୦ ହଜାର ଲେଖାଏ ଟଙ୍କା ଅନାଦାୟରେ ଅଧିକ ୬ ମାସ ଜେଲ ଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଏ ନେଇ ମାମଲାକୁ ପରିଚାଳନା କରୁଥିବା ଆଡିଶନାଲ ପିପି ସଞ୍ଜୟ କୁମାର ଜେନା କହିଛନ୍ତି ଯେ, ୨୦୧୧ ସେପ୍ଟେମ୍ବର ୫ରେ ପୀଡିତା ନାବାଳିକା ଟିଉସନକୁ ଯାଇ ଘରକୁ ଫେରି ନ ଥିଲେ। ଏ ନେଇ ପରିବାର ଲୋକେ ଥାନାରେ ୬ ତାରିଖରେ ଅଭିଯୋଗ କରିଥିଲେ। ତେବେ ପୀଡିତା ନାବାଳିକାଙ୍କୁ ଡୋରା ରାସ୍ତାରୁ ଅପହରଣ କରିନେଇ ଅଭିଯୁକ୍ତ ମାଉସୀ ଘରେ ରଖି ବଳାତ୍କାର କରିଥିଲେ। ପରେ ସେ ଅନିଲଙ୍କୁ ପୀଡିତାଙ୍କୁ ହସ୍ତାନ୍ତର କରିଥିଲେ। ଅନିଲ ତାଙ୍କୁ ନେଇ ଅନ୍ୟ ଏକ ସ୍ଥାନରେ ରଖି ବଳାତ୍କାର କରିଥିଲେ। ପୋଲିସ ଏ ସମ୍ପର୍କରେ ତଦନ୍ତ କରି ସମସ୍ତଙ୍କୁ ଥାନାକୁ ଆଣିଥିଲା। ଏହି ମାମଲାରେ ୨୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ବିଚାରକୁ ନିଆଯାଇଥିବା ଆଡିଶନାଲ ପିପି ଜେନା ସୂଚନା ଦେଇଛନ୍ତି।

## ଦୁର୍ନୀତି ବିରୋଧରେ ବ୍ଲକ୍ କାର୍ଯ୍ୟାଳୟ ଘେରାଉ





ଭାଜପା ନେତା ଓ କର୍ମୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

ବରୀ, ୨୩।୧୧(ମହେନ୍ଦ୍ର ସ୍ୱାଇଁ):

ବରୀ ବ୍ଲକ୍ ଭାଜପା ପକ୍ଷରୁ ଗୁରୁବାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବ୍ଲକ୍‌ରେ ନାନା ଦୁର୍ନୀତି ବିରୋଧରେ ଏହି ଆନ୍ଦୋଳନ କରାଯାଇଥିବା କର୍ମୀମାନେ କହିଛନ୍ତି। ଏଥିରେ ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟ ଯୋଗଦେଇ ମାନସିକସ୍ତରରେ ପରିବର୍ତ୍ତନ ଯାଜପୁର ଜିଲାର ବରୀରୁ ଆରମ୍ଭ ହେବ ବୋଲି ମତ ରଖିଥିଲେ। ବରୀ ଭାଜପା ନେତା ଉମେଶ ଚନ୍ଦ୍ର ଜେନା ଯୋଗଦେଇ ଆଗାମୀ ଦିନରେ ବ୍ଲକ୍‌ର ଦୁର୍ନୀତିକୁ ତୀବ୍ର ବିରୋଧ କରାଯିବ ବୋଲି କହିଥିଲେ। ଜେନାଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାର ମହିଳା ଓ ପୁରୁଷ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଜିଲା ଭାଜପା ସଭାପତି ଆଶୁତୋଷ ପରିଡ଼ା, ରାଜୁ ପରିଡ଼ା, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ଜେନା, ପ୍ରାକ୍ତନ ସରପଞ୍ଚ ଅଶୋକ ଜେନା, ବାଦଲ ମହାପାତ୍ର, ଡ. ରବୀନ୍ଦ୍ର ବେହେରା, ଚିନ୍ମୟୀ ମହାନ୍ତି, ପ୍ରଫୁଲ୍ଲ ଗିରି, ଶ୍ରବଣ ଦାସ, ସୌଭାଗ୍ୟ ରଞ୍ଜନ ଦାସ ଓ ପ୍ରବୀଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବଣ୍ଟି



@ ମାନସ



@ ସୌରଭ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର



ସ୍ୱାସ୍ଥ୍ୟ ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

କଳିଙ୍ଗନଗର,୨୩।୧୧(ଶୁଭାଶିଷ ରାଉତ) :

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗର(ଟିଏସ୍‌କେ) କୋକ୍ ପ୍ଲାଣ୍ଟ ସିସିଆର୍ ସମ୍ମିଳନୀ କକ୍ଷରେ ଠିକା ଶ୍ରମିକଙ୍କ ପାଇଁ ଏକ ମେଗା ସ୍ୱାସ୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଟିଏସ୍‌କେର ଏଗ୍ଲୋମେରେଟ୍ସ ବିଭାଗର ମୁଖ୍ୟ ୱାଇ.ଜି.ଏସ୍ ପ୍ରସାଦ ଏବଂ ଟିଏସ୍‌କେ ଶ୍ରମିକ ସଂଘର ସଭାପତି ରବୀନ୍ଦ୍ର ଜାମୁଦା ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରକ୍ଷା ପରିଚାଳନା ବିଭାଗର ମୁଖ୍ୟ ଆରଏସ୍ ମିଶ୍ରଙ୍କ ସମେତ କୋକ୍ ପ୍ଲାଣ୍ଟ ଓ ବିପିପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କୋକ୍ ପ୍ଲାଣ୍ଟ ଆଣ୍ଡ ବିପିପି, ଟିଏସ୍‌କେ ସହଯୋଗରେ ଓକ୍ୟୁପେଶନାଲ ହେଲ୍‌ଥ ସର୍ଭିସେସ୍ (ଓଏଚଏସ୍)ରେ ପ୍ରାୟ ୩୦୦ଠିକା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା।

## ନିଖୋଜ କଲେଜ ଛାତ୍ର ମୁମ୍ବାଇରେ ଠାବ

ଯାଜପୁର ଟାଉନ,୨୩।୧୧ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି):

**ବାପା ପାଠ ପଢ଼ା ପାଇଁ ଗାଳିଗୁଲଜ କରିବାରୁ ହଷ୍ଟେଲରୁ ରାଗି ପଳାଇଥିଲେ**

ଏନ୍‌ସି କଲେଜ ବିଏମ୍‌ପି ହଷ୍ଟେଲରେ ରହୁଥିବା ଯୁକ୍ତ ୨ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଚିନ୍ମୟ ସାହୁଙ୍କୁ ମୁମ୍ବାଇରେ ଠାବ କରାଯାଇଛି। ତାଙ୍କ ବାପା ଯାଜପୁର ପୋଲିସ ସହାୟତାରେ ତାଙ୍କୁ ଆଣିବା ପାଇଁ ଯିବେ ବୋଲି ହଷ୍ଟେଲ୍ ସୁପରିନ୍‌ଟେଣ୍ଡେଣ୍ଟ ପ୍ରକାଶ କରିଛନ୍ତି।

ଗତ ୨୧ତାରିଖରେ ସେ ନିଖୋଜ ହୋଇ ଯାଇଥିଲେ ବୋଲି ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଏବଂ ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟଙ୍କ ଉପସ୍ଥିତିରେ ହଷ୍ଟେଲ କବାଟ ଭାଙ୍ଗି ତଲାସି କରିବାରୁ ତାଙ୍କ ମୋବାଇଲ ଫୋନ୍ ଏବଂ ଅନ୍ୟ ଆସବାବପତ୍ର ମିଳିଥିଲା। ପୋଲିସ ତଦନ୍ତ ଜାରିରଖିଥିବା ବେଳେ ଗୁରୁବାର ପୂର୍ବାହ୍ନ ୯ରେ ଯାଜପୁର ଥାନାକୁ ଖବର ଆସିଥିଲାଯେ, ନିଖୋଜ ଛାତ୍ର ମୁମ୍ବାଇ ରେଳଷ୍ଟେଶନ୍‌ରେ ଟିଟିଙ୍କ ଦ୍ୱାରା ଧରାପଡ଼ିଛନ୍ତି। ମୁମ୍ବାଇ ପୋଲିସ ଛାତ୍ରଙ୍କ ଆଧାରକାର୍ଡ ଏବଂ କଲେଜ ପରିଚୟପତ୍ର ଦେଖିବା ପରେ ଯାଜପୁର ପୋଲିସକୁ ଫୋନ୍‌ଯୋଗେ ଅବଗତ କରାଇଥିଲା। ଛାତ୍ରଙ୍କୁ ତାଙ୍କ ବାପା ଘରେ ପାଠ ପଢ଼ାକୁ କେନ୍ଦ୍ରକରି ଗାଳିଗୁଲଜ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଛାତ୍ର ଘରୁ ରାଗି ପଳାଇ ଆସିଥିଲେ ହଷ୍ଟେଲ୍‌କୁ। ସେଠାରେ ତାଙ୍କ ମୋବାଇଲ ଫୋନ୍ ଛାଡି ଅନ୍ୟ କିଛି ସାମଗ୍ରୀ ଧରି କାମ କରିବା ପାଇଁ ମୁମ୍ବାଇ ଚାଲିଯାଇଥିଲେ।

ଅନ୍ୟପକ୍ଷରେ କିଛିଦିନ ହେବ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଅଶାନ୍ତି ଲାଗି ରହିଛି। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ ୧୫ଲକ୍ଷ ଟଙ୍କା ମହାବିଦ୍ୟାଳୟକୁ ଆସିଛି। ଏଥିପାଇଁ ଷ୍ଟାଫ୍ କାଉନସିଲ୍ ବୈଠକ କଲେଜ ଅଧ୍ୟକ୍ଷ ଡାକିଥିଲେ। ବୈଠକରେ ଉଦ୍ଭିଦ ବିଜ୍ଞାନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସାରଦା ମହାପାତ୍ର ଉତ୍ତେଜିତ ହୋଇ କଲେଜ ଅଧ୍ୟକ୍ଷଙ୍କୁ ମାଡ଼ ମାରିଥିଲେ ବୋଲି ଯାଜପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ନଂ.୪୮୦/୨୩ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ଉକ୍ତ ଘଟଣାକୁ କେନ୍ଦ୍ରକରି ଦର୍ଶନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଗୌରାଙ୍ଗ ବେହେରାଙ୍କୁ କେତେଜଣ ସ୍ଥାନୀୟ ଯୁବକ ମାରପିଟ୍ ପାଇଁ ଗୋଡ଼ାଇଥିଲେ। ସେ ଆକାଉଣ୍ଟ ସେକ୍ସନର ଟେବୁଲ କଡ଼ରେ ଲୁଚିଯିବାରୁ ଉତ୍ତେଜିତ ଯୁବକମାନେ ସେକ୍ସନର ଚେୟାରଟେବୁଲ୍ ଭଙ୍ଗାରୁଜା କରିଥିଲେ। ଏନେଇ ଯାଜପୁର ଥାନାରେ ମଧ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ଏସବୁ ଘଟଣା ପାଇଁ କଲେଜର ଗୌରବ ଓ ଗାରିମା ନଷ୍ଟ ହେଉଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଛାତ୍ରୀଛାତ୍ର ମଧ ଭୟଭିତ ଅବସ୍ଥାରେ ଅଛନ୍ତି।

## ଜେଏସ୍‌ଏଲ୍‌ରୁ ଟାଟା ଷ୍ଟିଲ୍‌କୁ ପ୍ରଥମ ସ୍କ୍ରାପ୍ ପରିବହନ

ଯାଜପୁର,୨୩।୧୧(ହର୍ଷବର୍ଦ୍ଧନ ବେହେରା) :

ଜିନ୍ଦଲ ଷ୍ଟେନଲେସ ଲିମିଟେଡ଼ ଦ୍ୱାରା ପରିଚାଳିତ ଆଇସିଡି(ଇନ୍‌ଲାଣ୍ଡ କଣ୍ଟେନର ଡିପୋଟ) ଟାଟା ଷ୍ଟିଲ କଳିଙ୍ଗନଗର ପାଇଁ ପ୍ରଥମ ସ୍କ୍ରାପ୍ ସାମଗ୍ରୀ ପ୍ରେରଣକୁ ସଫଳତାର ସହ ପରିଚାଳନା କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି। ଏହି ସହଭାଗିତା ଦୁଇଟି ଶିଳ୍ପ କମ୍ପାନୀ ପାଇଁ ଏକ ପ୍ରଶଂସନୀୟ ସଫଳତା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାସହ ଇସ୍ପାତ୍ ଶିଳ୍ପରେ ସ୍ଥାୟୀ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସୂଚନା ଅନୁଯାୟୀ, ଆଇସିଡି ପ୍ରତି ମାସରେ ୨୦୦୦ କଣ୍ଟେନର ଆମଦାନୀ କରୁଥିଲା। ସେଥିରେ ଟାଟା ଷ୍ଟିଲର ସ୍କ୍ରାପ୍ ପ୍ରାୟ ୧୦୬୮ ଟନ୍ ସାମଗ୍ରୀ ରହୁଥିଲା। ରୋଟର୍‌ଡମ୍‌ରୁ ହାପାଗ ଲୟେଡ ଦ୍ୱାରା ପଠାଯାଇଥିବା ସ୍କ୍ରାପ୍‌ର ୪୫ଟି କଣ୍ଟେନର ଗତ ସପ୍ତାହରେ ସଫଳ ଆଗମନ





ଟାଟା ଷ୍ଟିଲ୍‌କୁ ସ୍କ୍ରାପ୍ ପରିବହନ କରାଯାଉଛି।

ହୋଇଥିଲା। ନଭେମ୍ବର ୨୦୧୯ ଠାରୁ କାର୍ଯ୍ୟକ୍ଷମ ଏହି ବେସରକାରୀ ଆଇସିଡି ଯାଜପୁରରେ ଜିନ୍ଦଲ ଷ୍ଟିଲ ପରିସରରେ ୧୨ ଏକରରୁ ଅଧିକ ଜାଗାରେ ବ୍ୟାପ୍ତ ଏବଂ ୫୦୦୦ କଣ୍ଟେନରର କ୍ଷମତା ସହ ନିଜସ୍ୱ ରେଳବାଇରେ ପ୍ରତିଷ୍ଠିତ ଏହା ଏକ କଣ୍ଟେନର ଷ୍ଟୋରେଜ ସୁବିଧା ଭାବେ କାର୍ଯ୍ୟ କରେ। ରେଳ ମାଧ୍ୟମରେ ଓଡ଼ିଶାର ସମସ୍ତ ପ୍ରମୁଖ ବନ୍ଦର ସହିତ ସଂଯୋଗକୁ ସୁଗମ କରି ସଙ୍ଗଠନର ଘରୋଇ ମାଲ ପରିବହନ ଟର୍ମିନାଲକୁ ତ୍ୱରାନ୍ୱିତ କରେ। ଏହା କଳିଙ୍ଗନଗର ଏବଂ ଓଡ଼ିଶାର ନିକଟସ୍ଥ ଶିଳ୍ପାଞ୍ଚଳରେ ଅବସ୍ଥିତ। ବିଭିନ୍ନ ଆମଦାନୀ/ରପ୍ତାନିକାରୀ ଓ ପରିବହନକାରୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହା ନିର୍ମାଣ ହୋଇଛି। ଟାଟା ଷ୍ଟିଲ, ଟାଟା ଷ୍ଟିଲ ମାଇନିଂ ପ୍ରମୁଖଙ୍କ ସମେତ ବିଶିଷ୍ଟ ତୃତୀୟପକ୍ଷ ଗ୍ରାହକଙ୍କ ପାଇଁ ଏହାର ସେବାକୁ ବିସ୍ତାର କରିଛି । କମ୍ପାନୀ ମଧ ୪୦ଟି ରେକ୍ ଓ ୧୫୦ଟି ରୋଡ୍ ଟ୍ରେଲର ପରିଚାଳନା କରୁଛି। ଏହି ପରିପେକ୍ଷୀରେ ଜିନ୍ଦଲ ଷ୍ଟେନଲେସ ଲିଃର ଲଜିଷ୍ଟିକ୍ସ ମୁଖ୍ୟ ଭେଙ୍କଟେଶ୍ୱର ରାଓ କହିଛନ୍ତି, ଏହି ସହଯୋଗ ଏକ ଦୀର୍ଘ ମିଆଦି ସହଭାଗିତାର ଆରମ୍ଭ । ଇସ୍ପାତ୍ କ୍ଷେତ୍ରକୁ ମିଳିତ ଭାବେ ସ୍ଥାୟୀ ଅଭ୍ୟାସ ଦିଗରେ ଅଗ୍ରଗତି କରିବା ପାଇଁ ଏକ ପଥ ପରିଷ୍କାର କରିଛି । ସ୍ଥିରତା ଲକ୍ଷ୍ୟ ହାସଲ କରିବାରେ ଲଜିଷ୍ଟିକ ଏବଂ ଯୋଗାଣ ଶୃଙ୍ଖଳା ରଣନୀତିର ଅପରିହାର୍ଯ୍ୟ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ।

**୬୦ ବୋତଲ କଫ୍ ସିରପ୍ ଜବତ**

**ନୟାଗଡ଼,(ଲୋକନାଥ ମିଶ୍ର):** ନୟାଗଡ଼ ଅବକାରୀ ଜିଲା ସ୍କ୍ୱାଡ୍ ପକ୍ଷରୁ ନୟାଗଡ଼ ଛାୟାପଥ ଲେନରୁ ୬୦ ବୋତଲ କଫ୍ ସିରପ୍ ଜବତ କରାଯାଇଛି। କଫ୍ ସିରପ୍ ନିଶାଖୋର ବ୍ୟକ୍ତିଙ୍କୁ ବିକ୍ରି ବେଳେ ଅବକାରୀ ସ୍କ୍ୱାଡ୍ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଚିନ୍ତାମଣିଶ୍ୱରର ଶବରସାହି ଲେନ ବାସିନ୍ଦା ରଞ୍ଜନ ମଲିକ(୫୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ପରେ ରଞ୍ଜନଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ରଞ୍ଜନଙ୍କୁ ଅବକାରୀ ସ୍କ୍ୱାଡ୍ ବୁଧବାର ଗିରଫ କରିଥିଲା।

# ଖଣି ଲିଜ୍‌ଧାରୀଙ୍କୁ ୧୮, ଠିକାଦାରଙ୍କୁ ୪୦ କୋଟି ଜରିମାନା

**ମୟୂରଝାଳିଆ ବେଆଇନ ଖଣି ଖନନ ପ୍ରସଙ୍ଗ**

- ପରିବେଶ କ୍ଷତି ଭରଣା ପାଇଁ ନିର୍ଦ୍ଦେଶ
- ଏନ୍‌ଜିଟ୍ ନିର୍ଦ୍ଦେଶ କାର୍ଯ୍ୟକାରୀ କଲା ସୋୟା

ନୟାଗଡ଼/ରଣପୁର,୨୩।୧୧
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ତହସିଲ ମୟୁରଝାଳିଆ ବେଆଇନ ଖଣି ଖନନ ମାମଲାରେ ରାଷ୍ଟ୍ରୀୟ ସବୁଜ ନ୍ୟାୟାଧିକରଣ(ଏନ୍‌ଜିଟି) କୋଲକତାଙ୍କ ନିର୍ଦ୍ଦେଶ ଅନୁସାରେ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ(ସୋୟା) ଦୁଇ ଖଣି ଲିଜ୍‌ଧାରୀଙ୍କ ଉପରେ ପରିବେଶ କ୍ଷତିପୂରଣ ପାଇଁ ଜରିମାନା ଦେବା ପାଇଁ ନୋଟିସ୍ କରିଛନ୍ତି। ମାଙ୍କଡ଼ାପଥର ଖନନ ଲିଜ୍‌ଧାରୀ ଚମ୍ପାଗଡ଼ ଶ୍ରୀକୃଷ୍ଣନଗରର ସୁଶାନ୍ତ କୁମାର ବରାଡ଼ଙ୍କୁ ୧୮ କୋଟି ୫୧ ଲକ୍ଷ ୯୮ ହଜାର ୬୧ ଟଙ୍କା ଓ ଅନ୍ୟତମ ଲିଜ୍‌ଧାରୀ ତଥା ଠିକାଦାର ସଂସ୍ଥା ଅଗ୍ରୱାଲା ଇନ୍‌ଫ୍ରାବିଲ୍ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କୁ ୪୦ କୋଟି ୨୪ ଲକ୍ଷ ୮୧ ହଜାର ୭୭ ଟଙ୍କା ଅନୁରୂପ ଭାବେ ଜରିମାନ କରିଛନ୍ତି । ଜରିମାନା ରାଶି ୧୫ ଦିନ ଭିତରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଅଭିଯୋଗ ଅନୁସାରେ ଚାନ୍ଦପୁର ଥାନା ଚମ୍ପାଗଡ଼ ଶ୍ରୀକୃଷ୍ଣନଗରର ସୁଶାନ୍ତ କୁମାର ବରାଡ଼ ମୟୁରଝାଳିଆ ମୌଜାର ୧୬୮୯ ପ୍ଲଟରୁ ୪ ଏକର ମାଙ୍କଡ଼ା ପଥର ଖଣି ୫ ବର୍ଷିଆ ଲିଜ୍ ସୂତ୍ରରେ ନେଇଥିଲେ। ସେହିଭଳି ଅଗ୍ରୱାଲା ଇନ୍‌ଫ୍ରାବିଲ୍ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କୁ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ୨ ଏକର ଜମିରୁ ସାମୟିକ ପରମିଟ୍ ଦିଆଯାଇଥିଲା । ସେମାନେ ଉକ୍ତ ପ୍ଲଟ ନିକଟସ୍ଥ ଅନ୍ୟାନ୍ୟ ଜାଗାରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିଲେ। ଏ ବାବଦରେ ଏନ୍‌ଜିଟିଙ୍କ ନିକଟରେ ବଜ୍ରକୋଟର ଦିଲୀପ ସାମନ୍ତରାୟ ଓ ଓସ୍ତପଡ଼ାର ଦୀପକ କୁମାର ରାଉତରାୟ କେସ ନଂ-ଓଏ ୮୩/୨୦୨୨ ଅଭିଯୋଗ ଦାଖଲ କରିଥିଲେ । ଅଭିଯୋଗ ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଖଣି ଯାଞ୍ଚ ହୋଇଥିଲା। ଅନୁମତିଠାରୁ ଅଧିକ ଖଣି ଉତ୍ତୋଳନ କରାଯାଇଥିବା ଯାଞ୍ଚରେ ଜଣାପଡିବା ପରେ ଖଣି ମାଲିକଙ୍କୁ ୨୦୨୨ ଜାନୁୟାରୀ ୧୦ରେ ୨କୋଟି ୮୧ ଲକ୍ଷ ୫୯ ହଜାର ୯୪୫ ଟଙ୍କା ଜରିମାନା ହୋଇଥିଲା। ଜରିମାନା ଏଡାଇବା ଆଳରେ ୨୫ ଲକ୍ଷ ଲାଞ୍ଚ ଅଭିଯୋଗ ଲିଜ୍‌ଧାରୀ ଆଣିଥିଲେ ବୋଲି ଅଭିଯୋଗ ଉଠିଥିଲା। ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ, ଓସ୍ତପଡ଼ାର ଦୀପକ କୁମାର ରାଉତରାୟ ଓ ଚମ୍ପାଗଡ଼ର ଗଣେଶ କୁମାର ମାନ୍ଧତା ୨୫ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ୨୦୨୩ ଜାନୁୟାରୀ ୨୬ରେ ଜିଲାପାଳଙ୍କ ଉପସ୍ଥିତିରେ ଉପରୋକ୍ତ ୩ଜଣ ଲିଜ୍‌ଧାରୀ ସୁଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଖଣି ବନ୍ଦ କରାଇ ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ଏପ୍ରିଲ ୧୧ରେ ଲିଜ୍‌ଧାରୀ ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡ଼ଙ୍କୁ ଅଭିଯୋଗକୁ ଭିତ୍ତି କରି ଚାନ୍ଦପୁର ଥାନାରେ ଏକ ମାମଲା(ନଂ. ୬୮/୨୦୨୩) ରୁଜୁ ହୋଇଥିଲା। ଅନ୍ୟପକ୍ଷେ ଲିଜ୍‌ଧାରୀ ଆଣିଥିବା ୨୫ ଲକ୍ଷ ଲାଞ୍ଚ ଅଭିଯୋଗକୁ ଏନ୍‌ଜିଟି ଗ୍ରହଣ ନ କରିବାରୁ ୨୫ ଲକ୍ଷ ଲାଞ୍ଚ ମାମଲାର ସତ୍ୟତା ନ ଥିବା ଜଣାପଡିଥିଲା। ୨୦୨୨ ଡିସେମ୍ବର ୬ରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦାଖଲ କରିଥିବା ଜବାବି ସତ୍ୟପାଠକୁ ଏନ୍‌ଜିଟି ଗ୍ରହଣ କରି ଦୁଇ ଲିଜ୍‌ଧାରୀ ସୁଶାନ୍ତ କୁମାର ବରାଡ଼ ଓ ଅଗ୍ରୱାଲା ଇନ୍‌ଫ୍ରାବିଲ୍ଡ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ବିରୋଧରେ ଓଏମ୍‌ଏମ୍‌ସି ରୁଲ ୨୦୧୬ ଧାରା ୫୧ ଅନୁସାରେ ଫୌଜଦାରୀ ମକଦ୍ଦମା ୨ମାସ ମଧ୍ୟରେ ଦାଏର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପରିବେଶ କ୍ଷତିପୂରଣ ଭରଣା ସମ୍ପର୍କରେ ହିସାବକରି ଦୁଇ ଲିଜଧାରୀଙ୍କ ଠାରୁ ୨ମାସ ମଧ୍ୟରେ କ୍ଷତିପୂରଣ ଅସୁଲ କରିବାକୁ ସୋୟା ଓଡ଼ିଶାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରଣପୁର ତହସିଲର ତତ୍‌କାଳୀନ ତହସିଲଦାର ଯୁଗଳ କିଶୋର ମିଶ୍ର ଓ ସଞ୍ଜୟ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ୬ ରାଜସ୍ୱ ଅଧିକାରୀଙ୍କ ସମେତ ୯ଜଣଙ୍କ ବିରୋଧରେ ୨ ମାସ ମଧ୍ୟରେ ଫୌଜଦାରୀ ମାମଲା ରୁଜୁ କରିବାକୁ ଜିଲାପାଳ ଓ ରଣପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ରହିଥିଲା। ପରବର୍ତ୍ତି ପର୍ଯ୍ୟାୟରେ ୨ ଲିଜ୍‌ଧାରୀ, ୬ ରାଜସ୍ୱ କର୍ମଚାରୀ, ରାଜସ୍ୱ ଅଫିସର ଏପରି ୧୧ ଜଣଙ୍କ ନାଁରେ ୩୭୯, ୪୨୦, ୪୬୮, ୧୨ ପିଟିଏସ୍ ଆକ୍ଟ, ୫୧ ଓଏମଏମ ରୁଲରେ ୭୯/୨୩ରେ ମାମଲା ରୁଜୁ ହୋଇଥିଲା। ୬ଜଣ ରାଜସ୍ୱ କର୍ମଚାରୀ ନିଲମ୍ବିତ ହୋଇଥିଲେ। ୨ ଲିଜ୍‌ଧାରୀଙ୍କ ମଧ୍ୟରୁ ସୁଶାନ୍ତ ଗିରଫ ହୋଇ ଜେଲ ଯାଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଲିଜ୍‌ଧାରୀ ସୁଶାନ୍ତଙ୍କ ଅଭିଯୋଗ କ୍ରମେ ସାମାଜିକକର୍ମୀ ଦିଲୀପ ସମାନ୍ତରାୟ ଗିରଫ ହୋଇ ଜେଲରେ ଅଛନ୍ତି। ଏନଜିଟ୍‌ରେ ମାମଲା କରିବାରୁ ଦିଲୀପଙ୍କୁ ଫସାଇ ଦେଇଥିବା ଅଭିଯୋଗ ରହିଛି। ଏଭଳିସ୍ଥଳେ ସୋୟା କୌଣସି ପଦକ୍ଷେପ ନ ନେବାରୁ ଏନଜିଟ୍‌ରେ ଗତ ମାସରେ କଣ୍ଟେମ୍ପ୍ଟ ହୋଇଥିଲା। ତେବେ ସୋୟା ପରିବେଶ କ୍ଷତିପୂରଣ ଆଦାୟ କରିବାକୁ ନିର୍ଦ୍ଦେଶ ଦେବାରୁ ଜେଲରେ ଥାଇ ଦିଲୀପ ଖୁସି ହୋଇଛନ୍ତି। ସତ୍ୟର ଜୟ ହେଲା ବୋଲି ଦିଲୀପଙ୍କ ପରିବାର ଲୋକେ କହିଛନ୍ତି। ତେବେ ଦିଲୀପଙ୍କ ଖଲାସ ପାଇଁ ପରିବାର ଲୋକ ସରକାରଙ୍କୁ ନିବେଦନ କରିଛି।

# ରାସ୍ତା ଜବରଦଖଲକାରୀଙ୍କୁ ଚେତାବନୀ

**ଜବରଦଖଲ ହଟାଇବାକୁ ପ୍ରଶାସନର ନିର୍ଦ୍ଦେଶ**

ନୟାଗଡ଼,୨୩।୧୧(ଲୋକନାଥ ମିଶ୍ର)

ନୟାଗଡ଼ ସହରରରେ ରାସ୍ତା ଉପରେ ଦୋକାନ ଖୋଲି ବ୍ୟବସାୟ ଚାଲିଛି। ପ୍ରଶାସନର ବାରମ୍ବାର ତାଗିଦ୍ ପରେ ସୁଫଳ ମିଳୁନି। ଗୁରୁବାର ସନ୍ଧ୍ୟାରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା, ଏସ୍‌ଡିପିଓ ସ୍ନେହାଶିଷ ସାହୁ, ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର, ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରମୁଖ ଦୋକାନକୁ ଦୋକାନ ବୁଲି ଜବରଦଖଲ ହଟାଇବାକୁ ପରାମର୍ଶ ଦେଇଛନ୍ତି। ଜବରଦଖଲ ନ ହଟାଇଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ କେତେଜଣ ଜବରଦଖଲକାରୀ ପ୍ରଶାସନିକ ଅଧିକାରୀଙ୍କୁ ଆସୁଥିବାର ଦେଖି ଅସ୍ଥାୟୀ ଉପକରଣ ହଟାଇ ନେଇଥିଲେ।

# ସ୍ମରଣିକା କମିଟି ବୈଠକ

ନୟାଗଡ଼,୨୩।୧୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ମହୋତ୍ସବର ସ୍ମରଣୀକା କମିଟିର ବୈଠକ ବୁଧବାର ଅପରାହ୍ନରେ ନୟାଗଡ଼ ଜଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଉପଜିଲାପାଳ ଶକ୍ତିକାନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବରରେ ହେବାକୁ ଥିବା ଜିଲା ମହୋତ୍ସବ ୨୦୨୩ ପାଳନ ଅବସରରେ ମହୋତ୍ସବର ମୁଖପତ୍ର ଆରଣ୍ୟକ ପ୍ରକାଶ ପାଇଁ ଲେଖା ଦରକାର। ନୟାଗଡ଼ ଜିଲାର କଳା,ସଂସ୍କୃତି, କ୍ରୀଡ଼ା,ଐତିହ୍ୟ,ଜନଜୀବନ, ଅର୍ଥନୀତି, ସାମାଜିକ ବ୍ୟବସ୍ଥା, ଭୌତିକ ବିଶେଷତ୍ୱ, ଗବେଷଣାତ୍ମକ ମୌଳିକ ରଚନା, ବିକାଶ ମୂଳକ ଓ ଫିଚର ଧର୍ମୀ ଲେଖା ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଆବଶ୍ୟକ। ଇଚ୍ଛୁକ ଲେଖକ, କବି, ପ୍ରାବନ୍ଧିକ, ଶିକ୍ଷାବିତ୍, ଗବେଷକମାନଙ୍କ ଠାରୁ ଲେଖା ଓ ତତ୍‌ସମ୍ପର୍କୀୟ ଫଟୋ ଆମନ୍ତ୍ରଣ କରାଯାଉଛି । ଲେଖାଗୁଡ଼ିକ ଉଚ୍ଚକୋଟୀର ଏବଂ ସର୍ବାଧିକ ୧୦୦୦ଶବ୍ଦ ବିଶିଷ୍ଟ ହେବା ଆବଶ୍ୟକ । ଲେଖକମାନେ ଲେଖାଗୁଡ଼ିକୁ ଡିସେମ୍ବର ୧୦ ତାରିଖ ସୁଦ୍ଧା ଜିଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ନିକଟକୁ ଡାକ ଯୋଗେ, ଇ-ମେଲ କିମ୍ବା ବ୍ୟକ୍ତିଗତ ଭାବେ ପଠାଇବାକୁ ସ୍ମରଣିକା କମିଟି ତରଫରୁ ଅନୁରୋଧ କରାଯାଇଛି ।

# ନୀଳମାଧବଙ୍କ ପୀଠରେ ପଞ୍ଚକ ଯାତ୍ରା ଆରମ୍ଭ



ନୀଳମାଧବ ଜୀଉ ଓ ଜଗନ୍ନାଥଙ୍କ ଲକ୍ଷ୍ମୀ ନାରାୟଣ ବେଶ ।

**ଲକ୍ଷ୍ମୀ ନାରାୟଣ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ**

ଖଣ୍ଡପଡ଼ା,୨୩।୧୧(ଅଜୟ କୁମାର ମହାରଣା)

କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ଗୁରୁବାରଠାରୁ ମହାପଞ୍ଚକ ଯାତ୍ରା ଆରମ୍ଭ ହୋଇଛି। କାର୍ତ୍ତିକ ଶୁକ୍ଳପକ୍ଷ ଏକାଦଶୀରୁ ପଞ୍ଚକ ବ୍ରତ ଆରମ୍ଭ ହୋଇ ପୂର୍ଣ୍ଣମୀ ଦିନ ଉଦ୍‌ଯାପିତ ହେବ। ପଞ୍ଚକ ୫ଦିନର ମହାପ୍ରଭୁ ନୀଳମାଧବ ଜୀଉ ଓ ନିକଟସ୍ଥ ରାଧାମୋହନ ଜୀଉ ମଠରେ ଭିନ୍ନ ଭିନ୍ନ ୫ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ପଞ୍ଚକର ପ୍ରଥମ ଦିନ ଦେବୋର୍ଥପନ ଏକାଦଶୀରେ ଶ୍ରୀଜୀଉମାନେ ଲକ୍ଷ୍ମୀ ନାରାୟଣ ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ । କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱାଦଶୀ(ଗରୁଡ ଦ୍ୱାଦଶୀ)ରେ ବାଙ୍କଚୂଡ଼ା ବେଶ, ପରବର୍ତ୍ତୀ ଦିବସରେ ନଟବର ବେଶ, ନୃସିଂହ ବେଶ, କାଞ୍ଚି କାବେରୀ ବେଶ ଏବଂ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ । କାର୍ତ୍ତିକ ପୂର୍ଣ୍ଣମୀରେ ଠାକୁର ରାଜିରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ସେହିପରି ଖଣ୍ଡପଡ଼ା ଶ୍ରୀଜଗନ୍ନାଥ ଜୀଉ ଲକ୍ଷ୍ମୀ ନାରାୟଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି।

# ଜଗା ୟୁନାଇଟେଡ୍ ଟିମ୍ ବିଜୟୀ

**ଶରଣକୁଳ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ**

ଶରଣକୁଳ,୨୩।୧୧(ଦୀପକ କର)

ଲଡୁକେଶ ଆଥଲେଟିକ୍ ଆସୋସିଏଶନ୍ ପକ୍ଷରୁ ସରକାରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ୬୨ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ଜଗା ୟୁନାଇଟେଡ,ଭୁବନେଶ୍ୱର ସହିତ ୟୁନାଇଟେଡ ସ୍ପୋର୍ଟସ କ୍ଲବ୍,ବରଗଡ ମଧ୍ୟରେ ମୁକାବିଲା ହୋଇଥିଲା । ଦୁଇ ଦଳ ୨-୨ ଗୋଲ ସ୍କୋର କରି ଖେଳକୁ ଅମିମାଂସିତ ରଖିଥିଲେ । ଶେଷରେ ଟ୍ରାଇ ବ୍ରେକରରେ ଜଗା ୟୁନାଇଟେଡ ୫-୩ ଗୋଲରେ ୟୁନାଇଟେଡ ସ୍ପୋର୍ଟସ କ୍ଲବକୁ ପରାସ୍ତ କରି ବିଜୟୀ ହୋଇଛି । ଅତିଥି ରୂପେ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଆଶିଷ କୁମାର ଅଗ୍ରୱାଲ୍, ସୁବାସ ଚନ୍ଦ୍ର କଅଁର ଓ ସରୋଜ କୁମାର ରଣସିଂ, ଅତିରିକ୍ତ ଆରକ୍ଷୀ ଅଧକ୍ଷ, ସମ୍ବଲପୁର ନାରାୟଣ ନାୟକ, ସମାଜିକ କର୍ମୀ ବିଭୂଦତ୍ତ ମହାପାତ୍ର, ସୁରେନ୍ଦ୍ର ପ୍ରଧାନ ଓ ପ୍ରଫୁଲ୍ଲ କୁମାର ନାୟକ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଜଗା ୟୁନାଇଟେଡର ଫଗୁ ହେମ୍ବ୍ରମ୍‌ଙ୍କୁ ଶ୍ରେଷ୍ଠ ଖେଳାଳୀ ଭାବେ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଖେଳ ୟୁନାଇଟେଡ ଏଫ୍‌ସି,ଗଣ୍ଡରପୁର ବନାମ ଏ.ଜି. ରିକ୍ରିଏଶନ କ୍ଲବ,ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।

## ଟ୍ରାକ୍ଟର ଓଲଟି ଚାଳକ ମୃତ

**ଦଶପଲ୍ଲା,୨୩।୧୧(ପ୍ରକାଶ କୁମାର ପାଣି):** ଗୁରୁବାର ଦଶପଲ୍ଲା ବ୍ଲକ ବାଙ୍କତଇଲା ଗ୍ରାମ ନିକଟସ୍ଥ ଏକ ଜଙ୍ଗଲକୁ ପଥର ଆଣିବାକୁ ଯାଇଥିବାବେଳେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଫାଲପାଦୁ ଗ୍ରାମର ରବିନ୍ଦ୍ର ନାୟକ (୩୦)।ସେ ଟ୍ରାକ୍ଟର ନେଇ ପଥର ଆଣିବାକୁ ଜଙ୍ଗଲ ଭିତରକୁ ଯାଇଥିଲେ। ହେଲେ କୌଣସି କାରଣରୁ ଟ୍ରକ୍ଟରଟି ଓଲଟି ପଡିବାରୁ ରବିନ୍ଦ୍ର ଗାଡ଼ି ତଳେ ଚାପି ହୋଇ ରହିଯାଇଥିଲେ ।

## ନୟାଗଡ଼ ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ

**ନୟାଗଡ଼,୨୩।୧୧(ଲୋକନାଥ ମିଶ୍ର):** ନୟାଗଡ଼ ପୁରୁଣା ସହରର ମା'ଦକ୍ଷୀଣକାଳୀଙ୍କ ଯାତ୍ରା ପଡିଆରେ ଗୁରୁବାର ବୋଇତବନ୍ଦାଣ ଉତ୍ସବ ଉଦ୍‌ଗାଟିତ ହୋଇଛି । ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏଥିରେ ଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିଛନ୍ତି । ସମ୍ମାନିତ ଅତିଥି ରୂପେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ନୟାଗଡ଼ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ, ନୟାଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷା ନିରୁପମା ଖଟେଇ ଯୋଗ ଦେଇଥିଲେ । ବୋଇତବନ୍ଦାଣ କମିଟିର ସଭାପତି କିଶାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରଜତ ପଟ୍ଟନାୟକ ଓ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମଞ୍ଚାସୀନ ଥିଲେ । ଏହି ଉତ୍ସବ ୫ ଦିନ ଧରି ଚାଲିବ ।

# ଭାଜପାର ଦଶପଲ୍ଲା ବ୍ଲକ ଘେରାଉ

ଦଶପଲ୍ଲା,୨୩।୧୧(ପ୍ରକାଶ କୁମାର ପାଣି)

ଗୁରୁବାର ଭାଜପା ତରଫରୁ ଦଶପଲ୍ଲା ବ୍ଲକ ଘେରାଉ କରାଯାଇଥିଲା। ପ୍ରଥମେ ଭାଜପା ନେତା ଓ କର୍ମୀମାନେ ମହାବୀର ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ । ଏହାପରେ ବ୍ଲକ ଘେରାଉ କରାଯାଇଥିଲା । ସେଠାରେ ଆୟୋଜିତ ସଭାରେ ବହୁ ନେତା ଉଦ୍‌ବୋଧନ ଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ଅବସରରେ ବିଡିଓଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦଳର ବରିଷ୍ଠ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ପାଣିଗ୍ରାହୀ, ଦଶପଲ୍ଲାର ପୂର୍ବତନ ବିଧାୟକ ପୂର୍ଣଚନ୍ଦ୍ର ନାୟକ, ନୟାଗଡ଼ ଜିଲା ସଭାପତି ତାପସ ମାର୍ଥା, ଜିଲା ଭାଜପା ସମ୍ପାଦକ ଚନ୍ଦ୍ର ଶେଖର ଦାଶ, ବରିଷ୍ଠ ସଦସ୍ୟ ମନୋଜ ବେହେରା,ରାଘ ମଲିକ, ଏବଂ କିଶୋର ଦଳବେହେରା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।






ଧରିତ୍ରୀ DHARITRI

SEARCH THE FEELING JYOTSNA ALANKAR

## ସତ୍ୟର ଅନୁସନ୍ଧାନ ଲୋଡ଼ା

ଧରିତ୍ରୀର ରଜତଜୟନ୍ତୀ ସମାରୋହ

## ୪ଟି ରାଜ୍ୟରେ ୫୫ ଭାଗ ମତଦାନ

● ଭୋଟ ବେଳେ ମଧ୍ୟପ୍ରଦେଶରେ ହିଂସା: ୩ମୃତ ● ୧୬ଟି ଆସନରେ ଭୋଟିଂ ମେସିନର ବ୍ୟବହାର

ବିଧାନସଭା ନିର୍ବାଚନ '୯୮

25 ଧରିତ୍ରୀ

ରଜତ ଜୟନ୍ତୀ ଉତ୍ସବ (୧୯୯୮)



ଧରିତ୍ରୀ DHARITRI

CELEBRATE Diwali with ONIDA WASHING MACHINES Rs. 5555/- *0% Interest *Spot Finance. *Avail Special Gifts.

## ବସଭଡ଼ା କି.ମି.ପିଛା ୩ପଇସା ବୃଦ୍ଧି

## ଆଜି ଓଡ଼ିଶା ପୋଲିସ ଶହୀଦ ଦିବସ

## ବସ ଭଡ଼ା ବଢ଼ିଲା: ସଲାକୁଷ୍ଟି ଶେଷ

## ବିହାରରେ ଓଡ଼ିଆ ଯୁବକଙ୍କୁ ହତ୍ୟା

ଚର୍ଚ୍ଚିତ ଘଟଣା: ଥାନା ହାଜତରେ ପୋଲିସ ଯୁବକଙ୍କୁ ମୃତ ପିଆଉଥିବା ଦୃଶ୍ୟ



Phone:—50784, 52866

'ଧରଣୀ'ର ମୂଲ୍ୟ

ଧରିତ୍ରୀ THE DHARITRI

BHUBANESWAR, SUNDAY, NOVEMBER, 24, 1974

## ଗେରାକାରବାର ଓ କଳାକାର ଉପରେ ଆହୁରି କଟକଣା ହେବ

ଧରିତ୍ରୀର ପ୍ରଥମ ପ୍ରକାଶନ, ୨୪ ନଭେମ୍ବର ୧୯୭୪



ଭୁବନେଶ୍ୱର, ୪।୫ (ବ୍ୟୁରୋ)- ଓଡ଼ିଶା ରିନ୍ୟୁଏବଲ ଏନର୍ଜୀ ଡେଭେଲପମେଂଟ ଏଜେନ୍ସି (ଓରେଡା) ର ମୁଖ୍ୟ କାର୍ଯ୍ୟନିର୍ବାହୀ ସନ୍ତୋଷ କୁମାର ମିଶ୍ର (ଆଇଏଏସ)ଙ୍କୁ ଆଜି ରାଜ୍ୟ ସରକାର ତାଗିଦାରୁ ନିଲମ୍ବିତ କରିଛନ୍ତି । ଗଜପତି ଜିଲ୍ଲାର ଜିଲ୍ଲାପାଳ ଥିବାବେଳେ ତାଙ୍କ ନାମରେ ହୋଇଥିବା ବିଭିନ୍ନ ଦୁର୍ନୀତି ଅଭିଯୋଗ ଉପରେ ଏବେ ଭିଜିଲାନ୍ସ ପକ୍ଷରୁ ... ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆଇଏଏସ କ୍ୟାଡର ରୁଲ ୧୯୬୯ର ଧାରା ୩ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି । ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ଶ୍ରୀ ମିଶ୍ର ତାଙ୍କ ନିଲମ୍ବନ ଅବଧି ସମୟରେ ବିଜ୍ଞାନ ଓ କାରିଗରୀ ବିଭାଗର ବିନା ଅନୁମତିରେ ସଦର ଦପ୍ତର ଛାଡ଼ି ଯିବେ ନାହିଁ । ଆଇନର ବ୍ୟବସ୍ଥା ଅନୁଯାୟୀ ସେ ନିଲମ୍ବନ କାଳିନ ଭତ୍ତା ଓ ...

ଭାଜପା ସହ ମେଂଟ ଯୁ... ସୀମିତ ରହିବ: କାଂଗ...

ରାୟପୁର, ୪।୫ (ୟୁ.ଏନ.)- ଉତ୍ତରପ୍ର... ଭାରତୀୟ ଜନତା ପାର୍ଟି (ଭାଜପା) ...

## ଧରିତ୍ରୀ ଦେଖାଇଲେ ଉପହାର ପାଇଲେ

ସନ୍ଦିପ ମିଶ୍ର, କମଳକାନ୍ତ ମହାନ୍ତି, ଅକ୍ଷୟ କୁମାର ସାହୁ, ସୁଚିତ୍ରା ମହାନ୍ତି, ପ୍ରଶାନ୍ତ କୁମାର ସାମନ୍ତ

## 'ଓସୱାଲ'ନିର୍ଗତ ଗ୍ୟାସ ପ୍ରଭାବରେ ମହିଳାଙ୍କ ମୃତ୍ୟୁ,୫୦ ଅସୁସ୍ଥ

କେନ୍ଦ୍ରାପଡ଼ା, ୪।୫ (ଡି.ଏନ.ଏ)-ପାରାଦୀପସ୍ଥିତ ଓସୱାଲ ସାର କାରଖାନାରୁ ନିର୍ଗତ ହେଉଥିବା ଗ୍ୟାସର ପ୍ରଭାବରେ କେନ୍ଦ୍ରାପଡ଼ା ଉପକୂଳବର୍ତ୍ତୀ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୫୦ରୁ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇଛନ୍ତି । ଚିକିତ୍ସା ପାଇଁ ସେମାନଙ୍କୁ ରାମ ନଗର, ମହାକାଳପଡ଼ା ... ଓସୱାଲର ଗ୍ୟାସ ପ୍ରଭାବରୁ ବହୁ ଲୋକ ବିଭିନ୍ନ ଚର୍ମ ରୋଗ ଓ ଆଖି ରୋଗ ଆଦି ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଆସୁଥିଲେ । ଏବେ ଦକ୍ଷିଣା ପବନ ବୋହିବା ଯୋଗୁ ଓସୱାଲର ନିର୍ଗତ ...

ଧରିତ୍ରୀ ଦେଖାଇଲେ ଉପହାର (୨୦୦୨)



## ଗୁଜରାଟର ଭୂକମ୍ପଗ୍ରସ୍ତ ବୀରଭଦ୍ରକା ଗ୍ରାମରେ ଧରିତ୍ରୀ ରିଲିଫ ଟିମ :ଏକ ଫଟୋ ଫିଚର

ଗୁଜରାଟର ଭୂକମ୍ପଗ୍ରସ୍ତ ବୀରଭଦ୍ରକା ଗ୍ରାମରେ ଧରିତ୍ରୀ ରିଲିଫ ଟିମ୍ (୨୦୦୧)



'ଧରଣୀ'ର ମୂଲ୍ୟ

ଧରିତ୍ରୀ THE DHARITRI

BHUBANESWAR, MONDAY, NOVEMBER, 25, 1974

ଧରିତ୍ରୀ ଜନ୍ମୋତ୍ସବର ଖବର ପ୍ରକାଶ (୨୫ ନଭେମ୍ବର, ୧୯୭୪)



ଧରିତ୍ରୀ ସ୍ୱାଧୀନତା ଦିବସ ବିଶେଷାଙ୍କ ୧୯୭୫

ପ୍ରଥମ ସ୍ୱାଧୀନତା ଦିବସ ବିଶେଷାଙ୍କ (୧୯୭୫)



ଧରିତ୍ରୀ

ସ୍ୱତନ୍ତ୍ର ଓଡ଼ିଶା ଦିବସ

ଓଡ଼ିଶା ପ୍ରଦେଶ ଗଠନରେ ସମ୍ବଲପୁରର ଅବଦାନ

ପ୍ରଥମ ଓଡ଼ିଶା ଦିବସ ବିଶେଷାଙ୍କ, (୧ଏପ୍ରିଲ୧୯୭୬)



ଧରିତ୍ରୀ

MONDAY SEPTEMBER 10 BHUBANESWAR 1990

## ଧରିତ୍ରୀ ର ପ୍ରଭାତୀ ସଂସ୍କରଣ ଆରମ୍ଭ

## ପଞ୍ଜାବରେ ରାଷ୍ଟ୍ରପତି ଶାସନ ମିଆଦ ବୃଦ୍ଧି ଛଡ଼ା ଅନ୍ୟ ଉପାୟ ନାହିଁ

## କୁଏଟ ବ୍ୟାପାରରୁ ବୃହତ୍‌ଶକ୍ତି ଦୂରେଇ ରୁହନ୍ତୁ : ସଦ୍ଦାମ

ବିଶ୍ୱ ସମାଚାର

ପ୍ରଭାତୀ ସଂସ୍କରଣ ଆରମ୍ଭ (୯ ସେପ୍ଟେମ୍ବର ୧୯୯୦)



ଫୋଲ୍ଡ ଛତା କେ. ସି. ପାଲ ଆଣ୍ଡ ସନ୍ସ

www.orissakhabar.com

## ସମ୍ବଲପୁରରେ ଧରିତ୍ରୀ ଛପା ଆରମ୍ଭ

## ଗହମଗୁଣ୍ଡ ବଦଳରେ ଭାତ,ଡାଲି

ଧରିତ୍ରୀର ସମ୍ବଲପୁର ଛପା ଆରମ୍ଭ ( ୯ ଜୁନ୍, ୨୦୦୫)



Published simultaneously from Bhubaneswar, Sambalpur, Dhenkanal, Berhampur, Balasore and Rayagada

www.orissakhabar.com/www.dharitri.com ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨/୨୦୧୪ Bhubaneswar, Sunday, March 2 / 2014

## ଅନୁଗୋଳରୁ ଧରିତ୍ରୀ ଛପା ଆରମ୍ଭ

Inauguration of Angul Print F... March 2014

ଅନୁଗୋଳରୁ ଛପା ଆରମ୍ଭ (୨ ମାର୍ଚ୍ଚ ୨୦୧୪)



Published simultaneously from Bhubaneswar, Sambalpur, Dhenkanal, B...

orissakhabar.com/www.dharitri.com ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୦୫/୨୦୧୦ Bhubaneswar, Friday, November 05 / 2010

## ରାୟଗଡ଼ାରୁ ଛପା ଆରମ୍ଭ

ରାୟଗଡ଼ା ପିତାମହଲ ଶିଳ୍ପାଞ୍ଚଳସ୍ଥିତ ଧରିତ୍ରୀ ପରିସରରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଟିଟିଲାଗଡ଼ର ଢାପ ନୃତ୍ୟ ।

ରାୟଗଡ଼ାରୁ ଛପା ଆରମ୍ଭ ( ୫ ନଭେମ୍ବର ୨୦୧୦)

